ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/AgFE (Od)/1121/17-10-2023**

# କୃଷି ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନର ଅଗ୍ରଗତି ନେଇ ସମୀକ୍ଷା

## ବରାଦି ଅର୍ଥକୁ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ କରିବା ଦିଗରେ ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରନ୍ତୁ : କୃଷି ମନ୍ତ୍ରୀ ଶ୍ରୀ ସ୍ୱାଇଁ

- ଯୋଜନାର ଲାଭ ସିଧାସଳଖ ହିତାଧିକାରୀ ଚାଷୀଙ୍କ ନିକଟରେ ପହଞ୍ଚାଇବା ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ଫସଲର ବିବିଧିକରଣ ଓ ସମନ୍ୱିତ କୃଷି ଉପରେ ବୈଠକରେ ଗୁରୁତ୍ୱ

ଭୁବନେଶ୍ୱର, ୧୭/୧୦/୨୦୨୩

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର କୃଷି ବଜେଟ୍‌ରେ ଅଧିକରୁ ଅଧିକ ଅର୍ଥ ବ୍ୟୟବରାଦ କରୁଥିବାବେଳେ ବରାଦି ଅର୍ଥକୁ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ କରିବା ଦିଗରେ ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରନ୍ତୁ । ବଜେଟ୍ ଅର୍ଥକୁ ଧାର୍ଯ୍ୟ ସମୟ ମଧ୍ୟରେ ଓ ସଠିକ୍ ଉପାୟରେ ଖର୍ଚ୍ଚ କଲେ ଯୋଜନାର ସଫଳ ରୂପାୟନ ହୋଇପାରିବ ଏବଂ ଚାଷୀମାନଙ୍କୁ ଯୋଜନାର ସୁଫଳ ମିଳିପାରିବ । ଏହା ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ରାଜ୍ୟର ଚାଷୀମାନଙ୍କର ଆୟବୃଦ୍ଧି ଘଟିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଆଜି କୃଷି ଭବନଠାରେ ଆୟୋଜିତ ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନର ଅଗ୍ରଗତି ସଂପର୍କରେ ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରାପ୍ୟ ଓ ସୁବିଧା ଠିକଣା ସମୟରେ ହିତାଧିକାରୀଙ୍କ ନିକଟରେ ସିଧାସଳଖ ପହଞ୍ଚିଲେ ଏହାର ମହତ୍ତ୍ୱ ବୃଦ୍ଧି ପାଇଥାଏ । ଚାଷୀଙ୍କ ଆୟବୃଦ୍ଧି ନିମନ୍ତେ ଫସଲରେ ବିବିଧିକରଣ କରି ଅଧିକ ଅର୍ଥକରୀ ଫସଲ ଚାଷ ଓ ସମନ୍ୱିତ କୃଷିକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଚାଷ କାର୍ଯ୍ୟରେ କମ୍ ଖର୍ଚ୍ଚ କରି କିପରି ଅଧିକ ଉତ୍ପାଦନ ହୋଇପାରିବ ସେଥିନିମନ୍ତେ ଉନ୍ନତ ଜ୍ଞାନକୌଶଳର ବ୍ୟବହାର ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱ ଦେଇଛନ୍ତି । ଏହି କ୍ରମରେ କୃଷି ଯାନ୍ତ୍ରିକୀକରଣକୁ ଲୋକପ୍ରିୟ କରାଯାଉଛି । ଏଥି ସହିତ କୃଷିକାର୍ଯ୍ୟରେ ନାନୋ ୟୁରିଆ ପ୍ରଚଳନକୁ ଗୁରୁତ୍ୱ ଦିଆଯାଇ ଚାଷୀମାନଙ୍କ ମଧ୍ୟରେ ନାନୋ ୟୁରିଆର ବ୍ୟବହାର ନିମନ୍ତେ ସଚେତନତା ସୃଷ୍ଟି କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଆଗାମୀ ଦିନରେ ଖରିଫ ଫସଲ ଅମଳ ହେବାକୁ ଥିବା ପରିପ୍ରେକ୍ଷୀରେ କୌଣସି ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ କ୍ଷେତ୍ରସ୍ତରରେ ଅଧିକାରୀମାନେ ପ୍ରସ୍ତୁତ ରହିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ ।

ବୈଠକରେ ସାର, ବିହନର ଯୋଗାଣ ସମେତ କୃଷି ଯାନ୍ତ୍ରିକୀକରଣ ଓ ବିଭିନ୍ନ ଯୋଜନାରେ ଅଣଧାନ ଫସଲ ଯଥା-ଡାଲି, ତୈଳବୀଜ, ଝୋଟ, କପା ଆଦି ଚାଷକୁ ପ୍ରୋତ୍ସାହନ, ଫସଲର ବିବିଧିକରଣ, ସମନ୍ୱିତ କୃଷି, ସବୁଜ ଖତରେ ଧନିଚା ଚାଷ, ଓଡ଼ିଶା ମିଲେଟ୍ ମିଶନରେ ମାଣ୍ଡିଆ ଚାଷର ପ୍ରସାର, ଉତ୍ପାଦନ, ଉନ୍ନତ ମାନର ଆଖୁ ଚାଷ ଆଦିର ଅଗ୍ରଗତି ସଂପର୍କରେ ବିଶଦ ଭାବରେ ସମୀକ୍ଷା କରାଯାଇଥିଲା । ଏଥି ସହିତ ଆର୍‌ଆଇଡିଏଫ୍ ଅନ୍ତର୍ଗତ ଜଳନିଧି-୧ ଏବଂ ଜଳନିଧି-୨ର କାର୍ଯ୍ୟାନ୍ୱୟନ ସଂପର୍କରେ ସମୀକ୍ଷା କରାଯାଇଥିଲା । ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳଗୁଡ଼ିକରେ ଭୂତଳ ଜଳର ଉପଯୋଗ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ନିରନ୍ତର ଆୟ ନିମନ୍ତେ ସମନ୍ୱିତ କୃଷିକୁ ପ୍ରୋତ୍ସାହନ ପାଇଁ କାର୍ଯ୍ୟକାରୀ ହେଉଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ବ୍ୟକ୍ତିଗତ ସ୍ତରରେ ସମନ୍ୱିତ କୃଷି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏଥି ସହିତ ବୈଠକରେ ସଘନ କୃଷି କାର୍ଯ୍ୟକ୍ରମରେ ଡାଲି, ତୈଳବିଜ, ଝୋଟ, ମେସ୍ତା, କପା ଚାଷର ଅଗ୍ରଗତି ସମେତ ଟେକ୍ନୋଲୋଜି ମିଶନରେ

କରାଯାଉଥିବା କପା, ଆଖୁଚାଷ ସଂପର୍କରେ ସବିଶେଷ ଆଲୋଚନା ହୋଇଥିଲା । ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲର ବିବିଧିକରଣ କରି ଅଣଧାନ ଫସଲ ଚାଷକୁ ବିଭାଗ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଉଥିବାବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଚାଷୀମାନଙ୍କ ମଧ୍ୟରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା ।

ବୈଠକ ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ସ୍କିମ୍ ଅଧିକାରୀଙ୍କ ସମେତ ସମସ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଯୋଗଦେଇଥିଲେ ।

ତାପସ କୁମାର ସାହା

ସୂଚନା ଅଧିକାରୀ